## ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଡିଜିପି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ): ନବନିଯୁକ୍ତ ରାଜ୍ୟ ପୋଲିସ ଡିଜି ଅଭୟ ଗୁରୁବାର ଅପରାହ୍ଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଅଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ମଙ୍ଗଳବାର ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଡିଜିପି ଅଭୟ ୫ 'ଟି'ର ସଫଳ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଅଙ୍ଗନୱାଡ଼ି କର୍ମୀଙ୍କ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫୀ କ୍ଲବ ପକ୍ଷରୁ ଚିତ୍ରବର୍ଣ୍ଣାଳୀ, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।
- ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ମାଷ୍ଟାକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ଟଡଲର୍‌ସ ପ୍ଲେ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ, ନୟାପଲୀ ଦୁର୍ଗାପୂଜା ମଣ୍ଡପ, ସନ୍ଧ୍ୟା ୫ଟା।

ଖୋର୍ଦ୍ଧା
- ଗୁରୁଜଙ୍ଗ କପ କ୍ରିକେଟର ୨ୟ ସେମି ଫାଇନାଲ ୮ ଓ ୯ର ବିଜେତା, ଗୁରୁଜଙ୍ଗ ଖେଳପଡିଆ, ମଧ୍ୟାହ୍ନ ୧୨ଟା।

■ ଲୁଚକାଳି ଖେଳ ହେଲା କାଳ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ): ଲୁଚକାଳି ଖେଳ ହେଲା କାଳ। ଲୁହା କବାଟରେ ବିଦ୍ୟୁତ୍ ତାର ଲାଗି ଚାର୍ଜ ହୋଇଗଲା। କବାଟ ଛୁଇଁବା ମାତ୍ରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକଙ୍କ ଜୀବନ ଗଲା। ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀ ବିହାରର ପ୍ଲଟ୍ ନଂ-ଏଫ୍ ଆର୍-୩୫/୧ରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ନାବାଳକ ହେଲେ ଆଶିଷ କୁମାର ବେହେରା (୧୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮୭/୧୯) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଆଶିଷ ତାଙ୍କ ବାପାଙ୍କ ସହ ଶୈଳଶ୍ରୀ ବିହାରର ଉକ୍ତ କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କ ବାପା ଦିନମଜୁରିଆ ହୋଇଥିବାରୁ ଅଧିକାଂଶ ସମୟରେ ଘରେ ଅନୁପସ୍ଥିତ ରହନ୍ତି। ତେଣୁ ଆଶିଷଙ୍କୁ ଦେଖାରଖା କରିବା ପାଇଁ ଘରକୁ ପିଉସୀ ଆସନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଘରେ କେହି ନ ଥିବାବେଳେ ଆଶିଷ ପଡ଼ୋଶୀ ପିଲାଙ୍କ ସହ ଲୁଚକାଳି ଖେଳୁଥିଲେ। ସେ ଘର ଭିତରେ ଲୁଚି ପୁଣି ବାହାରକୁ ବାହାରି ଆସୁଥିଲେ। ତେବେ ଲୁହା କବାଟ ଉପରେ ଏକ ବିଦ୍ୟୁତ ତାର ଯାଇଥିଲା। କବାଟ ବାରମ୍ବାର ଦେବା ଦ୍ୱାରା ତାର ଚାପି ହୋଇ ଛେଲି ହୋଇ ଯାଇଥିଲା। ଫଳରେ କବାଟ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ଆଶିଷ କବାଟ ଛୁଇଁବା ଦ୍ୱାରା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଶିଷଙ୍କ ମା' କୌଣସି କାରଣକୁ ନେଇ ବର୍ଷକ ତଳେ ଆତ୍ମହତ୍ୟା କରିଥିଲେ। ଅନ୍ୟପକ୍ଷରେ ଆଶିଷଙ୍କୁ ଷଡ଼ଯନ୍ତ୍ର କରି ମାରିଦିଆଯାଇଥିବା ତାଙ୍କ ମାମୁଁ ପ୍ରଦୀପ ଭୋଇ ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ପିଉସୀ ବିଭିନ୍ନ ସମୟରେ କାମ ନ କରି ଆଶିଷଙ୍କୁ ଖଟାଉଥିବାରୁ ଏହି ଘଟଣା ପଛରେ ତାଙ୍କର ହାତ ରହିଥିବା ପ୍ରଦୀପ ଅଭିଯୋଗ ଆଣି ତ୍ୱରିତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବଜାରରେ ଡିଜାଇନ୍ 'ପାଇନ୍ ଟ୍ରି'







### କ୍ରିସ୍‌ମାସ ପ୍ରସ୍ତୁତି

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଆରମ୍ଭ ହୋଇଯାଇଛି କ୍ରିସ୍‌ମାସ ପ୍ରସ୍ତୁତି। ବଡ଼ଦିନକୁ ଆଉମାତ୍ର କିଛିଦିନ ବାକି ରହିଥିବାବେଳେ ଚାରିଆଡେ ଉତ୍ସବର ମାହୋଲ ଦେଖିବାକୁ ମିଳିଲାଣି। ସହରର ଛକ, ବଜାରରେ କ୍ରିସ୍‌ମାସ ପାଇଁ ଆକର୍ଷଣୀୟ ସାମଗ୍ରୀକୁ ନେଇ ଖୋଲିଲାଣି ଏକାଧିକ ସିଜିନ ସେଣ୍ଟର। ସେହିପରି ବଡ଼ ବଡ଼ ସପିଂ ମଲ୍‌ମାନଙ୍କରେ କ୍ରିସ୍‌ମାସ ପାଇଁ ଆକର୍ଷଣୀୟ ଉପହାର ସାମଗ୍ରୀ, ଦାମୀ ଚକୋଲେଟ୍ ଆଦି ଉପଲବ୍ଧ ହେଲାଣି। ଏହାସହ ବଜାରରେ ଉପଲବ୍ଧ ଭଳିକି ଭଳି କ୍ରିସ୍‌ମାସ କେକ୍ ଗ୍ରାହକଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି।

ବିଭିନ୍ନ ଡିଜାଇନ୍‌ର କ୍ରିସ୍‌ମାସ କାର୍ଡ ସହ କ୍ୟାଣ୍ଡେଲ, ସାଣ୍ଟା ଟୟ, ସ୍ନୋ ମ୍ୟାନ୍, କ୍ରିସ୍‌ମାସ ଲ୍ୟାମ୍ପ, କ୍ରିସ୍‌ମାସ ବେଲ୍, କ୍ରିସ୍‌ମାସ ଟ୍ରି ଗ୍ରାହକଙ୍କ ପାଇଁ ଆକର୍ଷଣ ସାଜୁଛି। କ୍ରିସ୍‌ମାସକୁ ନେଇ ରାଜଧାନୀରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳୁଥିବା ବେଳେ ୟୁନିଟ୍-୧ ମାର୍କେଟ, ଜୟଦେବ ବିହାର ରୋଡ୍ ଓ ସତ୍ୟନଗର ଚର୍ଚ୍ଚ ନିକଟରେ ଖୋଲିଥିବା କ୍ରିସ୍‌ମାସ ସିଜିନ ସେଣ୍ଟରଗୁଡିକରେ ଏବେଠାରୁ ପ୍ରବଳ ଭିଡ଼ ଦେଖାଯାଉଛି। ଚଳିତବର୍ଷ କ୍ରିସ୍‌ମାସ ଟ୍ରି ପ୍ରସ୍ତୁତ କରିବା ପାଇଁ ଭଳିକି ଭଳି ପେପର ଅର୍ନାମେଣ୍ଟ ସହ ଆର୍ଟିଫିସିଆଲ ପାଇନ ଟ୍ରି, ହ୍ୟାଙ୍ଗିଙ୍ଗ ଲ୍ୟାମ୍ପ, ଗୋଲ୍ଡେନ ବଲ୍‌ବ, ରଙ୍ଗିନ ତାରାର ଅଧିକ ଡିମାଣ୍ଡ ରହିଛି। ଏଥର ପ୍ଲାଷ୍ଟିକ୍ ଉପରେ କଟକଣା ଲାଗିଥିବାରୁ ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍‌କୁ ନେଇ ଟ୍ରି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ଆଗରୁ ବଜାରରେ ସାଧାରଣ ସାଣ୍ଟାକ୍ଲଜ୍ କଣ୍ଡେଇ ମିଳୁଥିବା ବେଳେ ଏବେ ବ୍ୟାଟେରୀ ଚାଳିତ ଅତ୍ୟାଧୁନିକ ସାଣ୍ଟାକ୍ଲଜ୍ ଆସୁଛି। ବ୍ୟାଟେରୀ ଚାଳିତ ଡ୍ୟାନ୍‌ସିଂ ସାଣ୍ଟା, ତାଇୱାନ୍ କ୍ରିସ୍‌ମାସ ଟ୍ରି, ସାଣ୍ଟା ଲ୍ୟାଡର, କ୍ରିସ୍‌ମାସ କୁସନ୍ ଏବଂ ସେନ୍‌ସର କ୍ୟାଣ୍ଡେଲ ଭଳି ଭିନ୍ନ ଧରଣର ଉପହାର ନେବାକୁ ଲୋକେ ଆଗ୍ରହ ଦେଖାଉଛନ୍ତି। ସେହିଭଳି ଏଥର କ୍ରିସ୍‌ମାସ ଗିଫ୍ଟରେ ରହିଛି ଡ୍ରାଏଫ୍ରୁଟ୍‌ସ, ଚକୋଲେଟ୍, ଫ୍ରୁଟ୍‌ସ ଭଳି ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟକୁ ନେଇ ପ୍ରସ୍ତୁତ ସ୍ୱତନ୍ତ୍ର ବାସ୍କେଟ୍। ଲୋକେ ନିଜ ପସନ୍ଦ ମୁତାବକ ଏହି ବାସ୍କେଟକୁ କଷ୍ଟମାଇଜ୍‌ଡ କରି ନିଜ ବନ୍ଧୁ ପରିଜନଙ୍କୁ ଉପହାର ଦେଇପାରିବେ।



ଫଟୋ–ବିକାଶ ନାୟକ

## ଆଜିଠାରୁ ହେଲ୍‌ଦି ଇଣ୍ଡିଆ କନ୍‌କ୍ଲେଭ୍

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ନ୍ୟାଶନାଲ ହ୍ୟାଣ୍ଡିକାପ୍‌ଡ ଫାଇନାନ୍ସ ଆଣ୍ଡ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଏନ୍‌ଏଚ୍‌ଏଫ୍‌ଡିସି), ଆଲିମ୍‌କୋ ଏବଂ ହେଲ୍‌ଦି ଇଣ୍ଡିଆ କ୍ରୋନିକିଲ୍ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ହେବ ହେଲ୍‌ଦି ଇଣ୍ଡିଆ କନ୍‌କ୍ଲେଭ୍-୨୦୧୯। ୩ ଦିନ ଧରି ହେବାକୁ ଥିବା ଏହି କନ୍‌କ୍ଲେଭ୍ ଶୁକ୍ରବାର ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସି ପରିସରରେ ଉଦ୍‌ଘାଟିତ ହେବ। 'ଭିଜନ ହେଲ୍‌ଦି ଆଣ୍ଡ୍ ନ୍ୟୁ ଇଣ୍ଡିଆ' ଶୀର୍ଷକ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମରେ ମାନସମନ୍ଥନ କରାଯିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହେବ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ମେଳା ଏବଂ ଋଣ ମେଳାର ଆୟୋଜନ କରାଯିବ। ଏହାସହ ଦିବ୍ୟାଙ୍ଗଙ୍କୁ ଆଲିମ୍‌କୋ ପକ୍ଷରୁ ମାଗଣାରେ ଉପକରଣ ବଣ୍ଟନ କରାଯିବ। ଏନେଇ ଗୁରୁବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡେଶନ(ଏନ୍‌ବିଏ) ଅଧ୍ୟକ୍ଷ ପ୍ରଫେସର କେ.କେ. ଅଗ୍ରୱାଲ, ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଅଫ୍ ଟେକ୍ନିକାଲ ଏଜୁକେଶନର ପୂର୍ବତନ ସଦସ୍ୟ ସଚିବ ପ୍ରଫେସର ଏ.ପି. ମିତ୍ତଲ, ଆଲିମ୍‌କୋ ଓଡ଼ିଶା ମୁଖ୍ୟ କେ.ଡି. ଗୋଟେ, ଏନ୍‌ଏଚ୍‌ଏଫ୍‌ଡିସିର ରଞ୍ଜିତ କୁମାର ମିଶ୍ର, ଭୋକେଶନାଲ ରିହାବିଲିଟେଶନ ସେଣ୍ଟରର ରାମ କିଶୋର ଶର୍ମା ଏବଂ ହେଲ୍‌ଦି ଇଣ୍ଡିଆ କନ୍‌କ୍ଲେଭ୍‌ର ଆବାହକ ଅମିତାଭ ଜୟପ୍ରକାଶ ଚୌଧୁରୀ ଉପସ୍ଥିତ ଥିଲେ।

## ୨୪% ଭୁବନେଶ୍ୱରବାସୀ ଜୀବନସାଥୀଙ୍କୁ ବିଶ୍ୱାସଘାତକ ଭାବନ୍ତି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

### 'ଆଉଟ୍ ଅଫ୍ ଲଭ୍' ସର୍ଭେ

ବିବାହିତ ଦମ୍ପତିଙ୍କ ମଧ୍ୟରେ ଅସୁରକ୍ଷିତ ଭାବନା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି କି ନିଜ ଜୀବନସାଥିଙ୍କ ଉପରେ ଲୋକଙ୍କ ଭରସା କମିଯାଉଥିବା ବେଳେ ନିଜ ସନ୍ଦେହ ଦୂରକରିବା ପାଇଁ ସେମାନେ ଯାଞ୍ଚ ଆବଶ୍ୟକ କରୁଛନ୍ତି। ୪୫% ଭାରତୀୟ ନିଜ ଜୀବନସାଥୀଙ୍କ ଅନୁମତି ବିନା ତଥା ଅଗୋଚରରେ ସେମାନଙ୍କ ଫୋନ ଯାଞ୍ଚ କରିବା ପାଇଁ ଚାହୁଁଛନ୍ତି। ୫୫% ଏହା ଆଗରୁ କରିସାରିଥିବା ସ୍ୱୀକାର କରିଛନ୍ତି। ସବୁଠାରୁ ବଡ଼କଥା ହେଲା ଭୁବନେଶ୍ୱର ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନି। ଭୁବନେଶ୍ୱରରେ ୫୬% ଲୋକ ନିଜ ଜୀବନସାଥୀଙ୍କ ଅଗୋଚରରେ ତାଙ୍କ ଫୋନ୍ ଚେକ୍ କରିଥିବା କହିଛନ୍ତି। ସେହିଭଳି ୨୪% ଲୋକ ସେମାନଙ୍କ ଜୀବନସାଥୀ ତାଙ୍କୁ ଧୋକା ଦେଉଥିବା ବିଶ୍ୱାସ କରୁଛନ୍ତି। ମାଇଣ୍ଡଶେୟାର ଏବଂ ୟୁନୋମୋ ସହଯୋଗରେ ନିକଟରେ ହଟ୍‌ଷ୍ଟାର୍ ପକ୍ଷରୁ କରାଯାଇଥିବା ଏକ ସ୍ୱତନ୍ତ୍ର ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ବିଶ୍ୱାସଘାତକତାରେ ଭାରତୀୟମାନଙ୍କ ଦୃଷ୍ଟିକୋଣର ଅନୁସନ୍ଧାନ କରିବାକୁ କରାଯାଇଥିବା ଏହି ସର୍ଭେରେ ଭାରତରେ ବୈବାହିକ ସମ୍ପର୍କରେ ଆସୁଥିବା ପରିବର୍ତ୍ତନ ଓ ଜୀବନସାଥୀଙ୍କ ମଧ୍ୟରେ ରହିଥିବା ବିଶ୍ୱସନୀୟତାର ମହତ୍ତ୍ୱକୁ ଜାଣିବାକୁ ଚେଷ୍ଟା କରାଯାଇଥିଲା। ଭାରତର ପ୍ରାୟ ପ୍ରତ୍ୟେକ ବୟସଗୋଷ୍ଠୀ ଏବଂ ସହରଗୁଡ଼ିକରେ ଦମ୍ପତିମାନଙ୍କ ଚିନ୍ତାଧାରାକୁ ଜାଣିବା ପାଇଁ ପ୍ରୟାସ କରାଯାଇଥିବା ବେଳେ ଏଥିରେ ଭୁବନେଶ୍ୱର ବାସିନ୍ଦାଙ୍କ କିଛି ପ୍ରମୁଖ ଦୃଷ୍ଟିକୋଣକୁ ମଧ୍ୟ ଆଲୋକପାତ କରାଯାଇଛି। ଏହାକୁ ହଟ୍‌ଷ୍ଟାର 'ଆଉଟ୍ ଅଫ୍ ଲଭ୍' ସର୍ଭେ ମଧ୍ୟ କୁହାଯାଉଛି।

### ଡିସେମ୍ବର ୧୫ରୁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

# ଗୋଟିଏ ସ୍ଥାନରେ ଦେଶର ଉତ୍କୃଷ୍ଟ ହସ୍ତଶିଳ୍ପ, ହସ୍ତତନ୍ତ

■ ମେଳାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ପ୍ରୟାସ

■ ୩୮୦ ଷ୍ଟଲ୍‌ରେ ହସ୍ତତନ୍ତ, ହସ୍ତଶିଳ୍ପ, ଫୁଡ୍‌କୋର୍ଟ

■ ୨୧.୫୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ





ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଡିସେମ୍ବର ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା। ରାଜ୍ୟ ତଥା ରାଜ୍ୟ ବାହାରୁ ୩୫୦ରୁ ଊର୍ଦ୍ଧ୍ୱ କାରିଗର ଓ ବୁଣାକାରଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି ସର୍ବବୃହତ୍ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳାରେ ଓଡ଼ିଶାର ୧୫୦ ହସ୍ତଶିଳ୍ପ କାରିଗର ଓ ୮୦ ବୁଣାକାର ଏବଂ ରାଜ୍ୟ ବାହାରୁ ୫୦ ବୁଣାକାର ଓ ଶିଳ୍ପୀ ଯୋଗଦେବେ। ଏହାବ୍ୟତୀତ ରାଜ୍ୟରେ ହସ୍ତଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟରତ ୧୨ ଅନୁଷ୍ଠାନ ମେଳା ପରିସରରେ ଲାଇଭ୍ ଡେମୋ ପ୍ରଦର୍ଶନ କରିବେ। ଚଳିତବର୍ଷ ମେଳା ପରିସରରେ ମୋଟ ୩୮୦ ଷ୍ଟଲ୍ ଖୋଲିବାକୁ ଥିବାବେଳେ ୪୦ ଷ୍ଟଲ୍‌କୁ ନେଇ ଫୁଡ୍‌କୋର୍ଟ କରାଯିବ। ରାଜ୍ୟର ନାମୀଦାମୀ ହୋଟେଲଗୁଡ଼ିକ ଦ୍ୱାରା ଏଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ବିଭିନ୍ନ ଦେଶୀ ବିଦେଶୀ ଖାଦ୍ୟ ଉପଲବ୍ଧ ହେବ। ଏନେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ମନ୍ତ୍ରୀ ଦିଆନ କହିଥିଲେ, ପ୍ରତିବର୍ଷ ଭଳି ଏଥର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଥିମ୍‌କୁ ନେଇ ମେଳା ପରିସର ଏବଂ ପ୍ୟାଭିଲିୟନ୍‌ର ସାଜସଜ୍ଜା କରାଯିବ। ମେଳାର ମଧ୍ୟଭାଗରେ 'କଳିଙ୍ଗ ତନ୍ତୁକୃତି' ବିଷୟବସ୍ତୁକୁ ନେଇ ପ୍ୟାଭିଲିୟନ ପ୍ରସ୍ତୁତ ହେବ। ଚଳିତବର୍ଷ ମେଳା ଆୟୋଜନ ପାଇଁ ବିଭାଗ ପକ୍ଷରୁ ୩.୫୯କୋଟି ଟଙ୍କାର ବଜେଟ ରଖାଯାଇଛି। ୨୦୧୮ରେ ୨୦.୮୨ କୋଟି ଟଙ୍କାର ବିକ୍ରିବଟା ହୋଇଥିବାବେଳେ ଏଥର ୨୧.୫୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଛି। ୨୨ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଏଥର ମେଳା ବୁଲିବାକୁ ଆସିବେ ବୋଲି ବିଭାଗ ଆକଳନ କରିଛି। ୧୩ ଦିନ ବ୍ୟାପୀ ହେବାକୁ ଥିବା ଏହି ମେଳାରେ ପ୍ରତ୍ୟହ ସନ୍ଧ୍ୟାରେ ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଚଳିତବର୍ଷ ବଲିଉଡ୍‌ର ଲୋକପ୍ରିୟ ଗାୟିକା ପ୍ରତିଭା ସିଂ ଭାଗଲେ ଏବଂ ଅମନ ତିର୍ଖ ତୋଷାଳିର ମୁଖ୍ୟ ଆକର୍ଷଣ ରହିବେ। ମେଳା ପରିସରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ଏ.ଟି.ଏମ୍. ସେବା, ପ୍ରତ୍ୟେକ ଷ୍ଟଲ୍‌ରେ ପିଓଏସ୍ ମେଶିନ୍, ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ହୁଇଲ ଚେୟାର, ଆମ୍ବୁଲାନ୍ସ, ଅଗ୍ନିଶମ ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର, ଛୋଟ ପିଲାଙ୍କ ଖେଳିବା ପାଇଁ ପ୍ଲେ-ଜୋନ୍ ଆଦିର ବ୍ୟବସ୍ଥା କରାଯିବ। ଚଳିତବର୍ଷ ମେଳାକୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ପଦକ୍ଷେପ ନିଆଯାଇଥିବାବେଳେ ଦୃଷ୍ଟିହୀନମାନଙ୍କ ପାଇଁ ମେଳା ସମ୍ପର୍କିତ ସମସ୍ତ ବିବରଣୀ ବ୍ରେଲି ଅକ୍ଷରରେ ଛପାଯାଇ ବଣ୍ଟନ କରାଯିବ। ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ୪ଟି ସେଲ୍‌ଫି ଜୋନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଏହା ଖୋଲାରହିବ। ଉଦ୍‌ଘାଟନୀ ସମାରୋହରେ ୨୦୧୯ ମସିହା ନିମନ୍ତେ 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ସହ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନୀତିନ୍ ଚନ୍ଦ୍ର, ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ ଦାସ, ବିଭାଗୀୟ ଅତିରିକ୍ତ ସଚିବ ବୃନ୍ଦାବନ ବେହେରା, ଯୁଗ୍ମସଚିବ ଅଞ୍ଜନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ଡିଜାଇନର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ୍

ତୋଷାଳି ପରିସରରେ ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ନୂଆ ଡିଜାଇନର ଫ୍ୟୁଜନ୍ ହ୍ୟାଣ୍ଡଲୁମ୍ ପୋଷାକକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯିବ। ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ପର୍କିତ ବିଭିନ୍ନ ଅନୁଷ୍ଠାନ ତଥା ଭୁବନେଶ୍ୱର ନିଫ୍ଟ, ଏଟିଡିସି, ଆଇଆଇଏଚ୍‌ଟି ବରଗଡ଼, ବାଙ୍ଗାଲୋରସ୍ଥିତ କେନ୍ଦ୍ରୀୟ ରେଶମ ପରିଷଦ, ସିଡାକ୍, ସାଧକ ପ୍ରମୁଖଙ୍କ ଦ୍ୱାରା ସ୍ୱତନ୍ତ୍ର ଷ୍ଟଲ୍ ଖୋଲିବ। ଏହାବ୍ୟତୀତ ବୁଣାକାର ସେବା କେନ୍ଦ୍ର, ପର୍ଯ୍ୟଟନ ମନ୍ତ୍ରଣାଳୟ ଭଳି କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ସମେତ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ବାଳ ସୁରକ୍ଷା ସମିତି ପ୍ରମୁଖ ଏହି ମେଳାରେ ଅଂଶଗ୍ରହଣ କରିବେ। ସିଡାକ୍ ତରଫରୁ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ପର୍କିତ ଲାଇଭ୍ ଡେମୋନଷ୍ଟ୍ରେଶନ କରାଯିବା ସହ ନମୁନା ବିକାଶ କାର୍ଯ୍ୟକ୍ରମରେ ଉଦ୍ଭାବିତ ନୂତନ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରାଯିବ।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ରମାକାନ୍ତ



ସୁଦୀପ୍ତ



ପ୍ରଭାତୀ



ଶୁଭମ୍



ବିଶ୍ୱଜିତ୍



ସୁଜିତ୍



ରୁଦ୍ର



ବିଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ବାହାରେ ଉଚ୍ଛେଦ, ଭିତରେ ଚାଲିଛି ନିର୍ମାଣ

ଶ୍ରୀ ଲିଙ୍ଗରାଜ ମନ୍ଦିର ଚାରିପାଖରୁ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ଚାଲିଛି। ଏପରି କି ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାଲିଥିବା ବହୁ ନିର୍ମାଣ ମଧ ଉଚ୍ଛେଦ ହେବ। ଏହାସତ୍ତ୍ୱେ ଠିକାଦାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏଥିଯୋଗୁ ଅଯଥା ସରକାରୀ ଅର୍ଥ ଖର୍ଚ୍ଚ ମାଟିରେ ମିଶୁଛି। ମନ୍ଦିର ସମ୍ମୁଖ ବ୍ୟାଖ୍ୟାନ କେନ୍ଦ୍ର ଓ ଯାତ୍ରୀ ବିଶ୍ରାମ ସ୍ଥଳକୁ ଠିକାଦାର ନିର୍ମାଣ କରୁଛନ୍ତି। ବିଭାଗୀୟ ଅଧିକାରୀ ସବୁକିଛି ଜାଣି ଏହାକୁ ବନ୍ଦ ନ କରିବା ଘଟଣା ସନ୍ଦେହ ସୃଷ୍ଟି କରୁଛି।

### ପ୍ରଭାବଶାଳୀଙ୍କୁ ଛାଡ଼ିଲେ, ନିରୀହଙ୍କ ଘର ଭାଙ୍ଗିଲେ

ଉଚ୍ଛେଦବେଳେ ବାହୁବଳ ଓ କୂଟନୀତି ଦେଖିବାକୁ ମିଳିଥିଲା। ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ବହୁ ପ୍ରଭାବଶାଳୀ ଓ ରାଜନେତାଙ୍କ ଘର ରହିଛି। ସେମାନେ ମଧ ସରକାରୀ ଜାଗାକୁ ଜବରଦଖଲ କରି ସମସ୍ୟା ସୃଷ୍ଟି କରୁଛନ୍ତି। ପ୍ଲଟ ନଂ.୫୫୩ରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଦୋକାନ ଘରକୁ ଉଚ୍ଛେଦ ଟିମ୍ ଭାଙ୍ଗି ନ ଥିବାବେଳେ ନିକଟରେ ଥିବା ନିରୀହ ସଫେଇ କର୍ମଚାରୀଙ୍କ ଘରକୁ ଭାଙ୍ଗି ଦିଆଯାଇଥିଲା। ସେହିଭଳି ଅପରାହ୍ଣରେ ଉଚ୍ଛେଦ ଟିମ୍ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାପନାସିନୀ କୁଣ୍ଡ ନିକଟରେ ପହଞ୍ଚି କେତୋଟି କାଠ କ୍ୟାବିନ୍ ଓ ଅସ୍ଥାୟୀ ପିଣ୍ଡି ଭାଙ୍ଗିଥିଲା। କିନ୍ତୁ ଏହାପାର୍ଶ୍ୱରେ ରହିଥିବା କେତେଜଣ ପ୍ରଭାବଶାଳୀ ବ୍ୟବସାୟୀଙ୍କ ବେଆଇନ ଦୋକାନଗୁଡ଼ିକୁ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଏହାଦେଖି ଉପସ୍ଥିତ ଲୋକେ ଓ ବୁଦ୍ଧିଜୀବୀ ନିନ୍ଦା କରିଥିଲେ।

### ଶନି, ରବି ଉଚ୍ଛେଦ ବନ୍ଦ: ସୋମବାର ଅନିଶ୍ଚିତ

ଦ୍ୱିତୀୟ ଶନିବାର ସରକାରୀ ଛୁଟି। ରବିବାର ଛୁଟିଦିନ। ତେଣୁ ଏହି ଦୁଇଦିନ ଉଚ୍ଛେଦ ବନ୍ଦ। ସୋମବାର ଶିବଙ୍କ ବାର ହୋଇଥିବାରୁ ଲିଙ୍ଗରାଜ ମନ୍ଦିରକୁ ଅଧିକ ଶ୍ରଦ୍ଧାଳୁ ଆସିବେ। ତେଣୁ ଉକ୍ତଦିନ ଉଚ୍ଛେଦ ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଉକ୍ତଦିନ ମିଳିତ ଉଚ୍ଛେଦ ଟିମ୍ ସଂଗ୍ରହାଳୟ ଛକରୁ ମାଉସୀମା' ଛକ ଯାଏ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶନାମା ଜାରି କରିଛି। ଉତ୍କଳ କନିକା ଗ୍ୟାଲେରିଆ ମଲ୍ ସମ୍ମୁଖ ଜବରଦଖଲ ଉଚ୍ଛେଦ ପାଇଁ ଅଧିକ ଫୋର୍ସ ଆବଶ୍ୟକ ଥିବାରୁ ଲିଙ୍ଗରାଜ ମନ୍ଦିର ପାର୍ଶ୍ୱ ଉଚ୍ଛେଦ ବନ୍ଦ ରହିପାରେ ବୋଲି ସୂଚନା ମିଳିଛି।

**ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦର ତୃତୀୟ ଦିନ**

# ବିରୋଧ ସତ୍ତ୍ୱେ ବୁଲିଲା ବୁଲ୍‌ଡୋଜର








ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)- ୧୨।୧୨: ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟାର ଗୁରୁବାର ଥିଲା ତୃତୀୟ ଦିନ। ବିଭିନ୍ନ ସ୍ଥାନରେ ବିରୋଧ ସତ୍ତ୍ୱେ ବୁଲିଥିଲା ବୁଲ୍‌ଡୋଜର। ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଥିବା ୩ ବେଆଇନ ଘର, ୨୦ କ୍ୟାବିନ୍ ଓ ୧୧ ସ୍ଥାନରେ ବାହାରକୁ ବାହାରିଥିବା ଘରର ଆଜବେଷ୍ଟସ୍ ଓ ପାହାଚଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଉଚ୍ଛେଦ ଆରମ୍ଭ ହୋଇଥିବାବେଳେ କେବଳ ୩ ଘରକୁ ଭାଙ୍ଗିବାକୁ ଗୋଟିଏ ବେଳା ଲାଗିଯାଇଥିଲା। ଲାଗିଥିଲା। ବିଭିନ୍ନ ସମୟରେ ବାରମ୍ବାର ସ୍ଥାନୀୟ ଲୋକଙ୍କ ସହ ବଚସା ହୋଇଥିଲା। ଏହା ମଧରେ ସମୟ ସରିଯିବାରୁ ଅପରାହ୍ଣ ୫ଟାରେ ଉଚ୍ଛେଦ ବନ୍ଦ ହୋଇଥିଲା। ଶୁକ୍ରବାର ପୁଣି ଉଚ୍ଛେଦ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଆରମ୍ଭ ହେବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଛେଦରେ ଦୁଇ ବୁଲ୍ ଡୋଜର ସାମିଲ୍ ହୋଇଥିବାବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ-୨ ପ୍ରମୋଦ କୁମାର ପାତ୍ର, ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍ତେଜନା, ଧାରଣା: ଭଙ୍ଗା ହୋଇପାରିଲାନି ତାରିଣୀ ମନ୍ଦିର



ଶ୍ରୀଲିଙ୍ଗରାଜ ମନ୍ଦିରର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ ଥିବା ତାରିଣୀ ମନ୍ଦିରକୁ ଉଚ୍ଛେଦ ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚିବାକ୍ଷଣି ସେଠାରେ ତୀବ୍ର ବିରୋଧ କରାଯାଇଥିଲା। ସ୍ଥାନୀୟ ଲୋକେ ଧାରଣାରେ ବସିବା ସହ ହୋହଲ୍ଲା କରିଥିଲେ। ଉତ୍ତେଜନା ଯୋଗୁ ଉଚ୍ଛେଦ ହୋଇପାରି ନ ଥିଲା। ଠାକୁରାଣୀଙ୍କୁ ସ୍ଥାନାନ୍ତର କରିବାକୁ ଉଚ୍ଛେଦକାରୀ ଦଳ ଲୋକଙ୍କୁ ଗୋଟିଏ ଦିନ ସମୟ ଦେଇଛି। ଏହାପରେ ମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯିବ ବୋଲି ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି।

### ଆର୍‌ଆଇ, ଇଞ୍ଜିନିୟରଙ୍କୁ ଧମକାଇଲେ

ଯେତିକି ଜାଗା ଦେଖାଉଛୁ ସେତିକି ଉଚ୍ଛେଦ କର ନ ହେଲେ ନାହିଁ। ଯଦି ଅଧିକ ଉଚ୍ଛେଦ କରିବାକୁ ଚେଷ୍ଟା କରିବ ତା'ହେଲେ କଥା ବହୁତ ଖରାପ ହେବ। ଉଚ୍ଛେଦ କରିବାକୁ ଆସିଛ ଅଧିକ ଗପ ନାହିଁ। ଉଚ୍ଛେଦବେଳେ ପୋଲିସ ଫୋର୍ସ ସହ ଉପସ୍ଥିତ ଆର୍‌ଆଇ ଓ ଇଞ୍ଜିନିୟରଙ୍କୁ ଏପରି ଧମକ ଦେଇଥିଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି। ନାଲିଆଖି ଦେଖି ସେମାନଙ୍କ କହିବାନୁସାରେ ଅଳ୍ପକିଛି ଉଚ୍ଛେଦ କରି ଫେରିଥିଲେ ଅଧିକାରୀ।

### ଘର ଭାଙ୍ଗି କ୍ଷତିପୂରଣ ଦେଲେ



ଜଣେ ମହିଳାଙ୍କ ସମେତ ୩ଜଣ ବ୍ୟକ୍ତି ମନ୍ଦିର ପଛ ପାର୍ଶ୍ୱରେ ବେଆଇନ୍ ଭାବେ ଘର ନିର୍ମାଣ କରିଥିଲେ। ଏସବୁକୁ ଭାଙ୍ଗିବା ପାଇଁ ଯିବାବେଳେ ମହିଳା ଜଣକ ଇଞ୍ଜିନିୟର ଓ ଆର୍‌ଆଇଙ୍କ ଗୋଡ଼ତଳେ ପଡ଼ିଯାଇଥିଲେ। କିନ୍ତୁ ମିଳିତ ଟିମ୍ ପକ୍ଷରୁ ଉକ୍ତ ଘରଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଏହାପରେ ମହିଳା ଜଣକ ସିଧା ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଗୁହାରି ଜଣାଇଥିଲେ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ହଜାର ଟଙ୍କାର ଏକ ଚେକ୍ ପଙ୍କଜିନୀ ନାୟକଙ୍କୁ ବିଏମ୍‌ସି ଜୋନାଲ ଡେପୁଟି କମିଶନର ରୂପକ ପଟ୍ଟନାୟକ ପ୍ରଦାନ କରିଥିଲେ।

## ଲିଙ୍ଗରାଜ ମନ୍ଦିର ପ୍ୟାକେଜ

**ଶ୍ରୀମନ୍ଦିର ଭଳି ଲିଙ୍ଗରାଜ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହାକୁ ଅନୁମୋଦନ ମିଳିଛି।**



### ୬ ଏକରରେ ଲିଙ୍ଗରାଜ ଏଣ୍ଟ୍ରି ପ୍ଲାଜା

୬ ଏକର ଅଞ୍ଚଳରେ ଲିଙ୍ଗରାଜ ଏଣ୍ଟ୍ରି ପ୍ଲାଜା ତିଆରି ହେବ। ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆଗକୁ ବଢାଯିବା ସହ ସେଥିରେ କଳିଙ୍ଗର ଢାଞ୍ଚା ଦିଆଯିବ। ଲୋକେ ଧାଡ଼ିରେ ସୁବିଧାରେ ପ୍ରବେଶ କରିବାଠାରୁ ଆରମ୍ଭ କରି ମହାଶିବରାତ୍ରି ପାଇଁ ସ୍ୱତନ୍ତ୍ର ସ୍ଥାୟୀ ବ୍ୟବସ୍ଥା ରହିବ। ସେଠାରେ କିପରି ଶ୍ରଦ୍ଧାଳୁମାନେ ଠିଆହୋଇ ବଡ଼ବଡୁଆଙ୍କୁ ଡାକିବେ ସେଥିପ୍ରତି ଧ୍ୟାନ ଦିଆଯିବ। ଏହାସହିତ ମନ୍ଦିରର ଆଲୋକୀକରଣ ଓ ବସିବା ବ୍ୟବସ୍ଥା କରାଯିବା ସହ ଏକ ଥିଏଟରର ନିର୍ମାଣ କରାଯିବ।

### ଉନ୍ନତ ଶୈଳୀରେ ପରିଚାଳିତ ହେବ ତୀର୍ଥ ପୁଷ୍କରିଣୀ

ବିନ୍ଦୁ ସାଗର ଜଳକୁ ପରିଷ୍କାର କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସମେତ କେଦାରଗୌରୀ, ପାପନାଶିନୀ, ଗୋଦାବରୀ, କୋଟିତୀର୍ଥ, ଗଙ୍ଗାଯମୁନା ଓ ଦେବୀପାଦହରା ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ଓ ସଂରକ୍ଷଣ କରାଯିବ। ବିନ୍ଦୁସାଗରର ଚାରିପଟେ ସ୍ୱଚ୍ଛ ଜଳ ପରିଚାଳନା ପାଇଁ ଉନ୍ନତ ଉପକରଣ ଲଗାଯିବା ସହ ପୁଷ୍କରିଣୀର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ।

### ଭିଡ଼ ହ୍ରାସ ପାଇଁ ୪ ସ୍ଥାନରେ ପାର୍କିଂ

ଟ୍ରାଫିକ ହ୍ରାସ ଓ ଯାତାୟାତର ସୁବିଧା ପାଇଁ ତାଳେଶ୍ୱର ଛକଠୁ ବଢ଼େଇବାଙ୍କ ଛକ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଯିବ। ରାସ୍ତାକୁ ସଂଯୋଗ କରୁଥିବା ୪ ସ୍ଥାନରେ ମଲ୍ଟିମୋଡ଼ାଲ ପାର୍କିଂସ୍ଥଳ ହେବ। ଯେଉଁଥିରେ ଟୁରିଷ୍ଟ ବସ୍, କାର, ଦୁଇ ଚକିଆ ସହ ଇ-ଅଟୋ ପାର୍କିଂ ହେବ। ଦକ୍ଷିଣ ପଟ ପାର୍କିଂକୁ ସେବାୟତ ଓ ମନ୍ଦିର କର୍ମକର୍ତ୍ତାଙ୍କ ପାଇଁ ରଖାଯିବାକୁ ଥିବାବେଳେ ପଶ୍ଚିମ ଓ ଉତ୍ତର ପଟ ପାର୍କିଂକୁ ଦୁଇ ଚକିଆ ଓ ଚାରିଚକିଆ ପାଇଁ ରଖାଯିବ ଏବଂ ପୂର୍ବପଟେ ଟୁରିଷ୍ଟ ବସ୍ ରହିବା ସହ ମୋ ବସ୍ ରହିବ।

### ୱାଟର ଫାଉଣ୍ଟେନ, ଆଲୋକରେ ଝଲସିବ

ପୁରୁଣା ଭୁବନେଶ୍ୱରର ଢାଞ୍ଚା ସମ୍ପୂର୍ଣ୍ଣ ବଦଳିବ। ରାସ୍ତା ଆଲୋକୀକରଣ, ପୁଷ୍କରିଣୀରେ ୱାଟର ଫାଉଣ୍ଟେନ ଓ ବିଭିନ୍ନ କାରୁକାର୍ଯ୍ୟରେ ଚମକିବ ପୂରା ଅଞ୍ଚଳ। ଲିଙ୍ଗରାଜ ହେରିଟେଜ୍ କମ୍ପ୍ଲେକ୍ସ ନାମରେ ନାମିତ କରାଯାଇ କାର୍ଯ୍ୟ କରାଯିବ। ପର୍ଯ୍ୟଟକମାନେ କିପରି ଚାଲିଚାଲି ଯିବାକୁ ଚାହିଁବେ ସେଥିପାଇଁ ବ୍ୟବସ୍ଥା ରହିବ। କେଦାରଗୌରୀ ରୋଡ, ଲିଙ୍ଗରାଜ-ବିନ୍ଦୁସାଗର-ଦେବୀ ପାଦହରାର ବିକାଶ, ରଥ ରୋଡ଼ର ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯାଇଛି। ସେହିପରି କେଦାରଗୌରୀ ଓ ମୁକ୍ତେଶ୍ୱର କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସାଧାରଣ ଲୋକ ଏବଂ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିବ।

### ପର୍ଯ୍ୟଟକଙ୍କ ପାଇଁ ଐତିହ୍ୟ ଇ-ଅଟୋ

ଏକାମ୍ର କ୍ଷେତ୍ରରେ ବୁଲିବା ସହ ଐତିହ୍ୟ ସମ୍ପର୍କରେ ଅଧିକ ଜାଣିବେ ପର୍ଯ୍ୟଟକ। ଏଥିପାଇଁ ରାଜ୍ୟ ସରକାର ଐତିହ୍ୟ ଇ-ଅଟୋର ବ୍ୟବସ୍ଥା କରିଛନ୍ତି। ଏହା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ଓ ବ୍ୟାଟେରିରେ ପରିଚାଳିତ ହେବ।

### ବିଲ୍ଡିଂ ପ୍ଲାନ ଆପ୍ରୁଭାଲ ପାଇଁ ସାଇକେଲ୍ ଟ୍ରାକ୍ ବାଧ୍ୟତାମୂଳକ

ଭୁବନେଶ୍ୱର, (ବ୍ୟୁରୋ)୧୨।୧୨: ଏବେ ସାଇକଲ ଟ୍ରାକ୍ ନ ଥିଲେ ବିଲ୍ଡିଂ ପ୍ଲାନ ମିଳିବନି। ଗୁରୁବାରଠାରୁ ବିଡିଏ ପ୍ଲାନିଂ ବିଭାଗ ଦ୍ୱାରା ଏହାକୁ ଲାଗୁ କରାଯାଇଛି। ବିଲ୍ଡିଂ ପ୍ଲାନ ଆପ୍ରୁଭାଲ୍ କରିବାକୁ ହେଲେ ସମସ୍ତ ବିଲ୍ଡିଂରେ ସାଇକେଲ ପାଇଁ ବ୍ୟବସ୍ଥା ରହିବା ନିହାତି ଆବଶ୍ୟକ। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସହରରେ ବଢୁଥିବା ପ୍ରଦୂଷଣକୁ ଲକ୍ଷ୍ୟ କରି ବିଡିଏ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସାଇକଲର ବ୍ୟବହାରକୁ ମଧ ବଢାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସାଇକେଲର ବ୍ୟବହାରରେ ପରିବେଷ ସ୍ୱଚ୍ଛ ଓ ସୁସ୍ଥ ରହିବା ସହ ସହରୀକରଣରେ ଏକ ନୂଆ ଢାଞ୍ଚା ଯୋଡିହେବ ବୋଲି ସେ କହିଛନ୍ତି।



### ଟ୍ରେନ୍‌ରେ କଟି ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

ଜଟଣୀ,୧୨।୧୨(ଡି.ଏନ.ଏ.): ଖୋର୍ଦ୍ଧାରୋଡ ରେଳଷ୍ଟେଶନରେ ଟ୍ରେନ୍‌ରେ କଟି ଇଣ୍ଡିଆନ୍ ବ୍ୟାଙ୍କ ଜଟଣୀ ଶାଖା ମ୍ୟାନେଜର ହେମଚନ୍ଦ୍ର ବେହେରା(୪୯)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଗଞ୍ଜାମ ଜିଲା ଗୋଳନ୍ଥରା ଥାନାର କେ. ସୁମାଣି ଗ୍ରାମରେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏହି ଦୁଃଖଦ ଘଟଣା ଘଟିଥିଲା। ଟ୍ରେନ୍‌ରୁ ଖସିପଡି ଏପରି ଘଟିଛି। ତେବେ କେଉଁ ଟ୍ରେନ୍‌ରୁ ଓ କେଉଁ ପରିସ୍ଥିତିରେ ସେ ଖସି ପଡ଼ିଲେ ସ୍ପଷ୍ଟ ହୋଇନି। ଏ ନେଇ ଖୋର୍ଦ୍ଧାରୋଡ ଜିଆର୍‌ପି ଥାନାରେ (୯୮/୧୯) ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

## ଦକ୍ଷିଣ ଓଡ଼ିଶାରେ ହେବ ହସ୍ତୀ ଅଭୟାରଣ୍ୟ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ରାଜ୍ୟରେ ହାତୀ ଓ ମଣିଷଙ୍କ ମଧରେ ଲଢ଼େଇ ଏବେ ସରକାରଙ୍କ ନିଦ ହଜାଇଛି। ଏଥିରେ କେତେବେଳେ ମଣିଷର ମୃତ୍ୟୁ ହେଉଛି ତ' ଆଉ କେତେବେଳେ ହାତୀଙ୍କ ପ୍ରାଣ ଯାଉଛି। ତେଣୁ ଏହା ଉପରେ ରୋକ୍ ଲଗାଇବାକୁ ଓ ଏହାର ସ୍ଥାୟୀ ପ୍ରତିକାର ପାଇଁ ବନ ବିଭାଗ ଏକ ନୂତନ ଉପାୟ ଚିନ୍ତା କରିଛି। ହାତୀମାନେ ପରସ୍ପର ମଧରେ କଥାବାର୍ତ୍ତା ହେବା ଲାଗି ଇନ୍‌ଫ୍ରାସୋନିକ ଶବ୍ଦ ସୃଷ୍ଟି କରିଥାନ୍ତି, ଯାହା ମଣିଷ କାନକୁ ଶୁଭେ ନାହିଁ। ତେବେ ଏହାକୁ କିଭଳି ରେକର୍ଡ କରାଯାଇପାରିବ, ସେନେଇ ଉପକରଣ ତିଆରି କରିବା ପାଇଁ ବନ ବିଭାଗ ଭୁବନେଶ୍ୱର ଆଇଆଇଟିର ସହାୟତା ଲୋଡ଼ିଛି। ଏକ ନୂତନ ଇନଫ୍ରା ରେଞ୍ଜ ଯନ୍ତ୍ର ସାହାଯ୍ୟରେ ବନ କର୍ମଚାରୀ ହାତୀର ଶବ୍ଦକୁ ଦୂରରୁ ଜାଣିପାରିବେ। ହାତୀ ୫ କିଲୋମିଟର ଦୂରରେ ଥିଲେ ମଧ ସେମାନଙ୍କ ଭାଷା ଓ ଗତିବିଧିକୁ ଏହି ଯନ୍ତ୍ର ଦ୍ୱାରା ଜାଣିହେବ। ହାତୀଙ୍କ ଏହି ଶବ୍ଦକୁ ରେକର୍ଡ କରାଯାଇ ପାରିଲେ ସେମାନଙ୍କ ଗତିବିଧି, ଆଚରଣ ଓ ହାତୀଙ୍କ ଜୀବନ ପ୍ରତି ଥିବା ବିପଦ ସମ୍ପର୍କରେ ସୂଚନା ମିଳିପାରିବ। ଏହାଦ୍ୱାରା ହାତୀ-ମଣିଷ ଲଢ଼େଇ ରୋକିବା ସହଜ ହେବ ବୋଲି ବନ ବିଭାଗ ଆଶା ରଖିଛି। ଅନ୍ୟପକ୍ଷରେ ହାତୀ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଦକ୍ଷିଣ ଓଡ଼ିଶାରେ ହସ୍ତୀ ଅଭୟାରଣ୍ୟ ହେବ। କନ୍ଧମାଳ ଓ ବ୍ରହ୍ମପୁର ମଧବର୍ତ୍ତୀ ଅଞ୍ଚଳରେ ଏହି ଅଭୟାରଣ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ରାଜ୍ୟର ଜଙ୍ଗଲରେ ବୁଲୁଥିବା ୩ ଦୁଷ୍ଟ ହାତୀର ଗତିବିଧି ଉପରେ ନଜର ରଖିବା ଲାଗି ସେମାନଙ୍କୁ ରେଡିଓ କଲାର ପିନ୍ଧାଯିବ। ଅନୁଗୋଳ ଓ ଦେବଗଡ଼ ଜିଲାରେ ଆତଙ୍କ ସୃଷ୍ଟି କରିଥିବା ଏହି ୩ ହାତୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖି ଆଗୁଆ ପଦକ୍ଷେପ ନିଆଯିବ ବୋଲି ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ ଗୁରୁବାର ଅରଣ୍ୟ ଭବନଠାରେ ଅନୁଷ୍ଠିତ କର୍ମଶାଳାରେ ସୂଚନା ଦେଇଛନ୍ତି।

**ହାତୀ-ମଣିଷ ଲଢ଼େଇ ରୋକିବାକୁ ପ୍ରୟାସ**

- ହାତୀଙ୍କ କଥାବାର୍ତ୍ତା ଶୁଣିପାରିବେ କର୍ମଚାରୀ
- ୩ ଦୁଷ୍ଟ ହାତୀଙ୍କ ବେକରେ ଲାଗିବ ରେଡିଓ କଲାର



### ହରିହର କ୍ୟାନସର ହସ୍ପିଟାଲରେ ଚିତ୍ରଶିଳ୍ପୀ ନାରୁ ମହାରଣା
## ରାଜ୍ୟ ସରକାର ଦେଲେ ୫୦ ହଜାର ସହାୟତା



ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ରଙ୍କ ସହ ନାରାୟଣଙ୍କ ପରିବାରବର୍ଗ।

ପୁରୀ ଅଫିସ, ୧୨।୧୨

ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ନାରାୟଣ ମହାରଣା ଓରଫ ନାରୁ କର୍କଟ ରୋଗରେ ପୀଡ଼ିତ ହୋଇ କଟକସ୍ଥିତ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ନାରୁ ଆର୍ଥିକ ଅନାଟନ ମଧରେ ଚିକିତ୍ସାଳୟ ଶଯ୍ୟାରେ ପଡ଼ି ଛଟପଟ ହେଉଥିବା ନେଇ ଅକ୍ଟୋବର ୨୨ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାପାଳଙ୍କ ସମେତ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏହାର ମାସକ ପରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନାରାୟଣଙ୍କ ଚିକିତ୍ସା ଲାଗି କଳାକାର କଲ୍ୟାଣ ପାଣ୍ଠିରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଛନ୍ତି, ଧରିତ୍ରୀରୁ ତାଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲି। ୨୦୧୭ରେ ନାରାୟଣଙ୍କ ନାମ ପଦ୍ମଶ୍ରୀ ଲାଗି ସୁପାରିଶ ହୋଇଥିବା ଜାଣିବା ପରେ ସହାୟତା ପ୍ରଦାନ ଲାଗି ଜିଲା ପ୍ରଶାସନ ଏବଂ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅନୁରୋଧ କରାଯାଇଥିଲା। ନାରାୟଣଙ୍କ ପରିବାରବର୍ଗ ଏଥିପାଇଁ ପ୍ରାଧିକରଣ ସଚିବ ମହାପାତ୍ରଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

କାଠ ଖୋଦେଇ, ପଟ୍ଟଚିତ୍ର, ଶ୍ରୀକ୍ଷେତ୍ରର ପାରମ୍ପରିକ ଗୋଷାଣୀ ଓ ନାଗା ମୂର୍ତ୍ତି ଗଠନରେ ନାରାୟଣଙ୍କ ସୁଖ୍ୟାତି ରହିଛି। ପଟ୍ଟଚିତ୍ର ଲାଗି ୨୦୦୩ରେ ବୟନ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ପୁରସ୍କାର ମିଳିଥିଲା। ସେ କଳାମଣି ସମ୍ମାନ, ରାଜ୍ୟ ଡିଜାଇନ ଆୱାର୍ଡ, ଲଳିତ କଳା ଏକାଡେମୀ ସମ୍ମାନ, ଜଗନ୍ନାଥ ମହାପାତ୍ର ଶିଳ୍ପୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## ୪ଜଣଙ୍କୁ 'ଚରଣ ସ୍ୱର୍ଶ' ପୁରସ୍କାର

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

'କନ୍ୟା ଅନ୍‌ମୋଲ୍ ହୈ' ପକ୍ଷରୁ ପ୍ରତିବର୍ଷ ଭଳି ଏଥର ମଧ ପ୍ରେରଣାଦାୟୀ ମହିଳାମାନଙ୍କୁ 'ଚରଣ ସ୍ୱର୍ଶ ପୁରସ୍କାର' ପ୍ରଦାନ କରାଯିବ। ବିଭିନ୍ନ କାର୍ଯ୍ୟରେ ଉତ୍କର୍ଷ ହାସଲ କରିଥିବା ତଥା ବ୍ୟକ୍ତିଗତ ଜୀବନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ୪ ପ୍ରତିଭାଧାରୀ ମହିଳାଙ୍କୁ ୨୦୧୯ ମସିହା ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ। ଖ୍ୟାତନାମା ଓଡ଼ିଶୀ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ପଟ୍ଟନାୟକ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠିତ ଅଭିନେତ୍ରୀ ଜୟା ସ୍ୱାମୀ, ପ୍ରଖ୍ୟାତ ଓଡ଼ିଆ ଲେଖିକା ବନଜା ଦେବୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଡିସେମ୍ବର ୧୫ରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏହି ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ ବୋଲି 'କନ୍ୟା ଅନ୍‌ମୋଲ୍ ହୈ'ର ଆବାହକ ସରୋଜ ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବଲିଉଡ୍ ଅଭିନେତ୍ରୀ ରିମି ସେନ, ସାମାଜିକ କର୍ମୀ ସୁମାନି ଝୋଡ଼ିଆ, ମୀରା ପରିଡ଼ା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଯାଞ୍ଚ
### ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କଟକ ଅଫିସ, ୧୨।୧୨

ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ଜନ୍ମେଜୟ ମଲ୍ଲିକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ମଲ୍ଲିକ ଏବେ ପୋଲିସ ମୋଟର ଟ୍ରାନ୍ସପୋର୍ଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଗୁରୁବାର କଟକ, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ଥିବା ମଲ୍ଲିକଙ୍କ ଘର ଓ ଅଫିସ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ୍ ୧ କୋଟି ୧୯ ଲକ୍ଷ ୬୫ହଜାର ୯୨୨ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ମଧରେ କଟକର ବିଡ଼ାନାସୀଠାରେ ତାଙ୍କର ଗୋଟିଏ ୩ ମହଲା କୋଠା ଥିବାବେଳେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଅଣ୍ଡରା ଗ୍ରାମରେ ଗୋଟିଏ ଦୁଇ ମହଲା କୋଠା ରହିଛି। ସେହିପରି କଟକ ଓ କେନ୍ଦ୍ରାପଡ଼ାରେ ଦୁଇଟି ପ୍ଲଟ ଓ ଦୁଇଟି ଚାରିଚକିଆ ଗାଡ଼ିକୁ ମଧ ଭିଜିଲାନ୍ସ ଠାବ କରିଛି। ସେହିପରି ଯାଞ୍ଚ ସମୟରେ ଘରୁ ୧ ଲକ୍ଷ ୧ହଜାର ୩୫୫ ଟଙ୍କା ଭିଜିଲାନ୍ସ ଠାବ କରିଛି।

